# ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ସଂପ୍ରସାରଣ ଉପକେନ୍ଦ୍ର, ସୁନ୍ଦରଗଡ
## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ସୁନ୍ଦରଗଡ

***ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୦୪ , ବୁଲେଟିନ ନମ୍ବର- ୦୭, ତାରିଖ : ୨୪/୦୧/୨୦୨୪, ବୁଧ ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୨୫.୦୧.୨୦୨୪–୨୯.୦୧.୨୦୨୪ , ଗୁରୁ ବାର – ସୋମ ବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ଅତି ହାଲୁକା ରୁ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।ସର୍ବାଧିକ ତାପମାତ୍ରା (୨୦ -୨୭ $^0$C) ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୧୦ -୧୨ $^0$C ) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୫୧–୯୫ %) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୨୪–୬୭%) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ସୁନ୍ଦରଗଡ | ୨୫-୦୧-୨୦୨୪ | ୭ | ୨୦ | ୧୨ | ୭ | ୯୫ | ୬୭ | ୬ | ୧୦୩ |
| | ୨୬-୦୧-୨୦୨୪ | ୦ | ୨୫ | ୧୧ | ୪ | ୫୧ | ୩୨ | ୬ | ୬୪ |
| | ୨୭-୦୧-୨୦୨୪ | ୦ | ୨୭ | ୧୦ | ୨ | ୫୧ | ୨୪ | ୫ | ୭୧ |
| | ୨୮-୦୧-୨୦୨୪ | ୦ | ୨୭ | ୧୦ | ୧ | ୫୯ | ୨୫ | ୫ | ୭୧ |
| | ୨୯-୦୧-୨୦୨୪ | ୦ | ୨୭ | ୧୦ | ୧ | ୫୬ | ୨୪ | ୫ | ୭୯ |

### କୃଷି ପାଣିପାଗ ଉପଦେଶ

**ସାଧାରଣ ପରାମର୍ଶ :** ତାପମାତ୍ରା କମ ରହିବା କାରଣରୁ ତାପମାତ୍ରା ବଜାୟ ରଖିବା ପାଇଁ ନର୍ସରୀ ଉପରେ ଶୁଷ୍କ FYM ର ପତଳା ସ୍ତର ଲଗାନ୍ତୁ । ତାପମାତ୍ରା ର ନିୟନ୍ତ୍ରଣ ଗଜା ହେବା ପାଇଁ ଅନୁକୂଳ ହେଲେ ଗ୍ରୀଷ୍ମ ଫସଲ ବୁଣିବା ଆରମ୍ଭ କର ।

**ଧାନ ତଳି ପରିଚାଳନା :**

ନର୍ସରୀରେ ହାଲୁକା ଜଳସେଚନ ପ୍ରୟୋଗ କରନ୍ତୁ ।

ବିହନ ବୁଣିବାର ୧୫ ଦିନ ପରେ ଧାନ ନର୍ସରୀରେ ଛିଡା ଜଳ ରଖନ୍ତୁ | ୧୫ ଦିନରେ ବିହନର ସଠିକ୍ ଶକ୍ତି ପାଇଁ ୪ କିଲୋଗ୍ରାମ ୟୁରିଆ ପ୍ରୟୋଗ କରନ୍ତୁ ।

ଜାନୁଆରୀ ମାସ ଶେଷରେ ନର୍ସରୀ ପ୍ରସ୍ତୁତି କାର୍ଯ୍ୟ ଶେଷ କର ।

ଏଥିପାଇଁ ହାଲୁକା ଏବଂ ମଧ୍ୟମ କିସମର ମଞ୍ଜି ବ୍ୟବହାର କରନ୍ତୁ ।

ଶେଷ ଚାଷ ସମୟରେ, ୪୦ ଟୋକେଇ ଗୋବର ଖତ, ୧୨ କିଲୋଗ୍ରାମ ସିଙ୍ଗଲ୍ ସୁପର ଫସଫେଟ୍ ଏବଂ ୦୨ କିଲୋଗ୍ରାମ ମୁରିଏଟ୍ ପୋଟାଶ୍ ସାର ମାଟିରେ ମିଶାନ୍ତୁ ।

**ଶ୍ରୀ ଧାନ :** ଧାନ ନର୍ସରୀ ପ୍ରସ୍ତୁତ କରନ୍ତୁ ଏବଂ ମୁଖ୍ୟ କ୍ଷେତରେ ୧୦୧୨ ଦିନ ପୁରୁଣା ବିହନ ପ୍ରତିରୋପଣ କରନ୍ତୁ ।

**ଖରାଟିଆ ଚିନାବାଦାମ :**

ଖରାଟିଆ ଚିନାବାଦମରେ ବୀଜାଣୁ ଜନିତ ଝାଉଁଳା ରୋଗ ଦେଖାଦେଲେ ପ୍ରତି ୧୦ ଲିଟର ପାଣିରେ ଏକ ଗ୍ରାମ ହିସାବରେ ଷ୍ଟ୍ରେପ୍ଟୋସାଇକ୍ଲିନ ମିଶାଇ ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ।

ଅତି କମରେ ୭ ଦିନ ବ୍ୟବଧାନରେ ୩ ଥର ସିଞ୍ଚନ କରିବା ଆବଶ୍ୟକ ଅଟେ ।

ମାଟିରେ ବତରକୁ ଚାହିଁ ଜଳସେଚନ କରନ୍ତୁ ।

**ରବି ଡାଲି ଜାତୀୟ ଫସଲ :**

ମୁଗ ବିରି ବୁଟ ଓ ମଟର ଫସଲରେ ଶତକଡା ୯୦ ଭାଗ ପାକଳ ହେଲେ ଅମଳ କରନ୍ତୁ ।

ଅମଳ ପରେ ମଞ୍ଜିକୁ ଭଲଭାବରେ ଟାଣ ଖରାରେ ୨-୩ ଦିନ ଶୁଖାଇ ସାଇତି ରଖନ୍ତୁ ।

ମୁଗ ବିରିରେ କୁଇଣ୍ଟାଲ ପ୍ରତି ୨୦୦ ଗ୍ରାମ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ରଖିଲେ ପୋକ ଲାଗିବାର ଆଶଙ୍କା କମିଯାଇଥାଏ ।

**ଗହମ :**

କାଳିଗୁଣ୍ଡି ରୋଗର ଦମନ ପାଇଁ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବୌଁ ଏକର ପ୍ରତି ୨୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ସଅଳ ଲଗାଯାଇଥିବା ଫସଲରେ ଶସ୍ୟଦାଗ ରୋଗ ଲାଗିବାର ସମ୍ଭାବନା ଅଛି ।

ଏହାର ଦମନ ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ ।

**ଲଙ୍କାମରିଚ :**

ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ ୧.୯% କିମ୍ବା ୧.୫ ରୁ ୨ ମିଲି ଇଥିୟନ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ଗେଣ୍ଡୁ ଫୁଲ :**

ଗେଁଡୁଫୁଲ ଚାଷ ପାଇଁ ସିରାକୋଲ ବି ଏମ ୨ ଏବୌଁ ବି ଏମ ୩ କିସମର ଗେଣ୍ଡୁଚାରା ଅଧିକ ଉତ୍କୃଷ୍ଟ ଅଟେ

ଚାରା ମାନଙ୍କ ମଧ୍ୟରେ ଡେଙ୍ଗାକିସମ ଗୁଡିକ ଧାଡିକୁ ଧାଡ଼ି ୩୦ ରୁ ୪୦ ସେମି ଓ ଗଛ କୁ ଗଛ ୩୦ ସେମି ବ୍ୟବଧାନରେ ଲଗାନ୍ତୁ

ବାମନ କିସମ ଗୁଡିକୁ ଧାଡିକୁ ଧାଡ଼ି ୨୦-୩୦ ସେମି ଓ ଗଛକୁ ଗଛ ୨୦ ସେମି ବ୍ୟବଧାନରେ ଲଗାନ୍ତୁ

**ଆଳୁ ଚାଷ :**

ଆଳୁ ଗଛର କାଣ୍ଡ ଶୁଖି ଢଳି ପଡିଲେ ଆଳୁ ଅମଳ କରନ୍ତୁ ।

ଆଳୁ ପାକଳ ହେବାପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡିକୁ କାଟି ଦିଅନ୍ତୁ ।

ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ ।

ଶୀତଳ ଭଣ୍ଡାର କୁ ନେବାପୂର୍ବରୁ ୩% ବୋରିକ ଏସିଡ ରେ ୧୫ ମିନିଟ ବୁଡାଇ ଶୁଖାଇ ଦିଅନ୍ତୁ ।

**ସୂର୍ଯ୍ୟାମୂଖୀ :**

ଏବେଠାରୁ ଖରାଦିନିଆ ସୂର୍ଯ୍ୟାମୂଖୀ ପାଇଁ ଜମି ପ୍ରସ୍ତୁତ କରନ୍ତୁ

ଉନ୍ନତ କିସମ ପାଇଁ ସନରାଇଡ ମୋରଡେନ ଓ ଶଙ୍କର ଜାତୀୟ ପାଇଁ ଏମ ଏସ ଏଫ ଏଚ -୧୭ କେ ବି ଏସ ଏଚ -୧ ପି ଏ ସି -୩୬ ପିଏସି -୧୦୯୧ ଆଦି ବିହନ ସଂଗ୍ରହ କରନ୍ତୁ

ରବି ସୂର୍ଯ୍ୟାମୂଖୀ ବୁଣିବାର ୨୧-୩୦ ଦିନ ର ହୋଇଥିଲେ ଜମିକୁ କୋଡାଖୁସା କରି ଘାସ ଓ ଅନାବନା ଗଛ ବାଛି ଦିଅନ୍ତୁ ଏକର ପ୍ରତି ଉନ୍ନତ କିସମ ହୋଇଥିଲେ ୩ କିଗ୍ରା ଓ ଶଙ୍କର ଜାତୀୟ ପାଇଁ ୬ କିଗ୍ରା ହିସାବରେ ଯବକ୍ଷାରଜାନ ପ୍ରଥମ ଶୀର୍ଷ ସାର ରୂପେ ଗ୍ରହଣ କରନ୍ତୁ

ଫସଲରେ ଉଇ ଜନିତ ଝାଉଁଳା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ ୨୦ ଇସି ମିଶାଇ ମାଟିକୁ ଭଲଭାବରେ ଭିଜାଇ ଦିଅନ୍ତୁ

**ମାଛ ଚାଷ :** ପୋଖରୀ ଭିତରକୁ ଗେଣ୍ଡା ଚଢେଇ ଓ କପୋତମାନର ପ୍ରବେଶକୁ ରୋକାଯିବା ଉଚିତ ଏହାଦ୍ବାରା ପରଜୀବୀମାନଙ୍କ ଜୀବନଚକ୍ରକୁ ଭଙ୍ଗାଯାଇ ପାରିବ

ମାଛ ପୋଖରୀରେ ଯାଆଁଳମାନଙ୍କ ର ସ୍ବତନ୍ତ୍ର ଯତ୍ନ ନେବା ଆବଶ୍ୟକ

ପୋଖରୀରୁ ପରଜୀବୀମାନଙ୍କ ର ସଂକ୍ରମଣ ଯୋଗ୍ୟ ଅବସ୍ଥାକୁ ସମ୍ପୂର୍ଣ ମାରି ଦେଲେ ରୋଗ ହେବା ଆଶଙ୍କା କମିଯାଏ

**ପ୍ରାଣୀ :**

ଗାଈମାନଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫଏମଡି ଭାକ୍ସିନ ଗ୍ରହଣ କରନ୍ତୁ

ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କା ଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ

ସୁବିଧାଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡାଇ ରଖନ୍ତୁ

ଗୋରୁ ଗୁହାଳ ର ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।

ଶୀତଦିନେ ଗୋରୁଙ୍କୁ ଉତ୍ତାପ ଶକ୍ତିପ୍ରଦାୟକ  ତନ୍ତୁଜାତୀୟ ଖାଦ୍ୟ ଯଥା ଘାସ ନଡା ପାଳ କୁଣ୍ଡା ଚୋକଡ ତାଳପତ୍ର ମକାଗଛ ପତ୍ର ଓ କାଣ୍ଡ ଇତ୍ୟାଦି ଖାଇବାକୁ ଦିଅନ୍ତୁ ।

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ବିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍।ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି  ଶାଖା  ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉେଅଛି |**

*ନୋଡାଲ ଅଫିସର, କିରେଇ*